

# ସତ୍ୟବାକ୍ୟ

# THE WORD OF TRUTH

NOVEMBER & DECEMBER 2015

An Oriya Bimonthly Bulletin
Published by the Church of Christ

THE VOICE OF TRUTH
Edited & Published By
**Joshua & Kabita Gootam.**
**CHURCH OF CHRIST**
P.O.Box.No.80,Kakinada
A.P.-533 001
Ph:0884-2363722

**Vol.20.Nov & Dec-2015-No-6**

**Published every two months in ORIYA language for the Restoration of pure New Testament Christianity.**

# HAPPY NEW YEAR

**HARMONY** of the berthren.God expects us all to get along with one another. We are to be one as God and Christ are one (John 17:20-23).

**ADORATION** for God---it is reverence.We are to revere God by putting Him first in our lives(Matthew 6:33).

**PRAY** to God for friends,family,self for the sick (spiritually and physically),the leaders of our country,and many other things.The trouble with prayer is it is easy to do say we will pray for these things,but we dont' take time to pray as we should(1 Thessalonians 5:17;Colossians 4:2; (Timothy 2:8).

**PRISE GOD** from whom all blessings flow.One of the great side effects of praise is that we begin to realize the precious nature of our relationship to God (Hebrews 13:15; 1 Peter 4:11).

**YIELD** not to temptation,for yielding is sin. One of our sinsis

# ସତ୍ୟବାଣୀ

# VOICE OF TRUTH

**VOL - XX KAKINADA NOV-DEC-2015**

## ସର୍ବୋତ୍କୃଷ୍ଟ ବିଷୟମାନ
### (Great Things)

ଏହି ସଂସାରରେ ଅନେକ ଉତ୍ତମ ଓ ପ୍ରସିଦ୍ଧ ବିଷୟ ରହିଅଛି । ସେଗୁଡ଼ିକ ଆତ୍ମିକ ଭାବେ ବ୍ୟର୍ଥ ବିଷୟ ! କିନ୍ତୁ ବାଇବଲରେ ସର୍ବୋତ୍କୃଷ୍ଟ ବ୍ୟକ୍ତି ଓ ପୁସ୍ତକ ସର୍ବୋତ୍କୃଷ୍ଟ ସମ୍ପଦ । ପାପରୁ ବିମୁକ୍ତ କରିବା ସର୍ବୋତ୍କୃଷ୍ଟ ନାମ ବିଷୟ ପଢ଼ିପାରୁ । ବାଇବଲରେ ଲିଖିତ ସର୍ବୋତ୍କୃଷ୍ଟ ବିଷୟ ଦ୍ୱାରା ଆମ୍ଭେମାନେ ଆତ୍ମିକ ଭାବେ ଆଶୀର୍ବାଦ ପ୍ରାପ୍ତ ହେବା ।

ଆମ୍ଭମାନଙ୍କ ପିତା ପରମେଶ୍ୱର ସର୍ବୋତ୍ତମ ପରମେଶ୍ୱର : ତାହାଙ୍କ ଐଶ୍ୱରିକତା, ତାହାଙ୍କ ଶକ୍ତି ମୋଶା ଆଦି ୧ : ୧ରେ ବର୍ଣ୍ଣନା କରନ୍ତି । ସେ ଆପଣାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (ଯୋହନ ୩:୧୬) । ମନୁଷ୍ୟ ଜାତିର ପରିତ୍ରାଣାର୍ଥେ ଖ୍ରୀଷ୍ଟ ସର୍ବତୋ ବଳିଦାନ । ବାକ୍ୟ କହେ, ''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । (ରୋମୀୟ ୫:୮)

ମନୁଷ୍ୟର ଆତ୍ମା ମନୁଷ୍ୟର ସର୍ବୋତ୍କୃଷ୍ଟ ସମ୍ପଦ । ଏହି ବିଷୟ ମନୁଷ୍ୟ ଜ୍ଞାତ ହେବା ନିମନ୍ତେ ସେ କହନ୍ତି, ''ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?'' (ମାଥିଉ ୧୬:୨୬) । ସୁସମାଚାରରେ ମନୁଷ୍ୟର ପରିତ୍ରାଣାର୍ଥେ ଶକ୍ତି ଅଛି । (ରୋମୀୟ ୧:୧୬)

ଯୀଶୁଖ୍ରୀଷ୍ଟଙ୍କ ରକ୍ତ ସର୍ବୋତ୍କୃଷ୍ଟ ପରିଷ୍କାରକ । ତାହାଙ୍କ ଆଜ୍ଞାବହମାନଙ୍କ ପାପଧୌତ କରେ, ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହେଉ । ମଣ୍ଡଳୀ ସର୍ବୋତ୍କୃଷ୍ଟ ଅନୁଷ୍ଠାନ । କାରଣ ଏହା ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ଓ ଏଥିରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଅନନ୍ତଜୀବନ ପ୍ରାପ୍ତ ହେବେ । (ମାଥିଉ ୧୬:୧୮ ଓ ପ୍ରେରିତ ୨:୪୭)

ଖ୍ରୀଷ୍ଟିୟାନ ସର୍ବୋତ୍ତମ ନାମ । ଖ୍ରୀଷ୍ଟଙ୍କ ନାମ ଧାରଣ କରି, ତାହାଙ୍କ ଅନୁସରଣକାରୀମାନେ ଏହି ନାମ ଧାରଣ କରନ୍ତି । (ପ୍ରେରିତ ୧୧:୨୬ ଓ ପ୍ରେରିତ ୪:୧୨)

ଆମ୍ଭମାନଙ୍କ ହସ୍ତରେ ଥିବା ପୁସ୍ତକ, 'ସର୍ବୋତ୍କୃଷ୍ଟ' ପୁସ୍ତକ । ଜଗତର ସର୍ବୋତ୍କୃଷ୍ଟ ବିଷୟ ନିମନ୍ତେ ସର୍ବୋପରିସ୍ଥ ପିତାଙ୍କୁ ଧନ୍ୟବାଦ ଦେଉ ।

**- J.C. Choate**

❋ ❋ ❋

# ନିରନ୍ତର ପ୍ରାର୍ଥନା କର

## (Pray without ceasing)

ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ ଲେଖନ୍ତି, ''ନିରନ୍ତର ପ୍ରାର୍ଥନା କର...କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।'' (୧ମ ଥେସ ୫:୧୭-୧୮) । ''ପ୍ରାର୍ଥନା''ର ଅର୍ଥ ବିନତି । କିନ୍ତୁ ଖ୍ରୀଷ୍ଟୀୟ ପ୍ରାର୍ଥନା କେବଳ ବିନତି ନୁହେଁ । ଆମ୍ଭେମାନେ ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ସହ କଥୋପକଥନ କରିବାକୁ ସୁଯୋଗ ପାଇଥାଉଁ । ଆମ୍ଭମାନଙ୍କ ପ୍ରାର୍ଥନାରେ ଧନ୍ୟବାଦ, ବିନତି, ପ୍ରଶଂସା ପ୍ରଭୃତି ଅନ୍ତର୍ଭୁକ୍ତ । ପ୍ରାର୍ଥନା ଦ୍ୱାରା ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ସହ ସମ୍ପର୍କ ରଖିଥାଉଁ । ସ୍ୱର୍ଗୀୟ ପିତା ଆମ୍ଭମାନଙ୍କୁ ତାହାଙ୍କ ଦତ୍ତ ବାଇବଲର ବାକ୍ୟ ଦ୍ୱାରା କଥା କହନ୍ତି । ଆମ୍ଭେମାନେ ପ୍ରାର୍ଥନା ଦ୍ୱାରା ତାହାଙ୍କ ସହିତ କଥା କହୁ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ମାର୍ଗଦର୍ଶୀ ଅଟନ୍ତି । ସେ ଏକ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ବାପ୍ତିଜକ ଯୋହନଙ୍କ ଦ୍ୱାରା ''ସମସ୍ତ ଲୋକ ବାପ୍ତିଜିତ ହେଲା ଉତ୍ତାରେ ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା

ସମୟରେ'' ତାହାଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିଥିଲେ । (ଲୂକ ୩:୨୧,୨୨) । ଆପଣା ପରିଚର୍ଯ୍ୟା ଆରମ୍ଭ କରିବା ପୂର୍ବେ ୪୦ ଦିନ ପ୍ରାନ୍ତରରେ ରହି ପ୍ରାର୍ଥନାରେ ବିତାଇ ବଳପ୍ରାପ୍ତ ହେଲେ । ବାକ୍ୟ କହେ, ''ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।'' (ମାର୍କ ୧:୩୫) । ବାରଜଣ ଶିଷ୍ୟମାନଙ୍କୁ ପରିଚର୍ଯ୍ୟା ନିମନ୍ତେ ମନୋନୀତ କରିବା ପୂର୍ବ ରାତ୍ରି, ସେ ରାତ୍ରି ସାରା ପ୍ରାର୍ଥନାରେ ବିତାଇଥିଲେ । (ଲୂକ ୬:୧୨) । ସମୁଦ୍ର ଉପରେ ଚାଲିବା ରାତ୍ରିର ପୂର୍ବଦିନ ଏକାନ୍ତ ଭାବେ ପର୍ବତ ଉପରେ ପ୍ରାର୍ଥନା କରିଥିଲେ । (ମାର୍କ ୬:୪୫,୪୬ ଲୂକ ୫:୧୬) । ଯୀଶୁଖ୍ରୀଷ୍ଟ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ୫୦୦୦ ପୁରୁଷ ଓ ଅସଂଖ୍ୟ ସଂଖ୍ୟାର ସ୍ତ୍ରୀ ଓ ପିଲାପିଲିମାନଙ୍କୁ ଖାଦ୍ୟ ପରିବେଷଣ କରିବା ପୂର୍ବେ ମସ୍ତକ ଉତ୍ତୋଳନ କରି ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ (ମାଥିଉ ୧୪:୧୯, ୨୨,୨. ମାର୍କ ୬:୩୫-୪୬, ଯୋହନ ୬:୯-୧୨) । ବେଥନୀ ନିବାସୀ ଲାଜରଙ୍କୁ ମୃତ୍ୟୁରୁ ଉଠାଇବା ପୂର୍ବେ, ''ଆଉ, ଯୀଶୁ ଉର୍ଦ୍ଧ୍ୱଦୃଷ୍ଟି କରି କହିଲେ, ପିତଃ ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ଧନ୍ୟବାଦ ଦେଉଅଛି । ତୁମ୍ଭେ ଯେ ସର୍ବଦା ମୋହର ପ୍ରାର୍ଥନା ଶୁଣିଥାଅ, ଏହା ମୁଁ ଜାଣିଥିଲି...'' (ଯୋହନ ୧୧:୪୧,୪୨) । ଯୋହନଙ୍କ ଲିଖିତ ସୁସମାଚାରର ୧୭ତମ ଅଧ୍ୟାୟ ପ୍ରଭୁ ଯୀଶୁଙ୍କ ପ୍ରାର୍ଥନା ଲିଖିତ ହୋଇଅଛି । ସେ ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରି, ''ପ୍ରଭୁଭୋଜ'' ପାଳନର ପ୍ରଥା ପ୍ରତିଷ୍ଠିତ କରିବା ପୂର୍ବେ ଓ ଗେଥଶିମାନୀ ତୋଟାରେ ପିତା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିଲେ । (ମାଥିଉ ୨୬:୨୬-୩୦ ଓ ୩୯-୪୪) । ''କ୍ଳାନ୍ତ ନ ହୋଇ ପ୍ରାର୍ଥନା କର ବୋଲି ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରୋତ୍ସାହିତ କରିଅଛନ୍ତି । (ଲୂକ ୧୮:୧)

ପ୍ରେରିତମାନଙ୍କ କାର୍ଯ୍ୟର ବିବରଣରେ ଅନେକ ସନ୍ନିବେଶ ଆମ୍ଭେମାନେ ପଢ଼ିଥାଉ । ଆଦିମ ମଣ୍ଡଳୀର ସଭ୍ୟମାନେ ପ୍ରାର୍ଥନାରେ ନିବିଷ୍ଟ ଚିତ୍ତ ହୋଇ ରହିଗଲେ । (ପ୍ରେ.କା. ୨:୪୨) ପ୍ରେରିତ ପାଉଲ ଆପଣା ପତ୍ରିକାମାନଙ୍କରେ ପ୍ରାର୍ଥନାରେ ନିବିଷ୍ଟ ଚିତ୍ତ ହୋଇ ରହିବା ନିମନ୍ତେ ମଣ୍ଡଳୀମାନଙ୍କୁ ପ୍ରୋତ୍ସାହିତ କରନ୍ତି । ରୋମୀୟ ମଣ୍ଡଳୀକୁ ''...ପ୍ରାର୍ଥନାରେ ଏକାଗ୍ରଭାବରେ ନିବିଷ୍ଟ ଥାଅ ।'' (୧୨:୧୨) ଏଫିସୀ ମଣ୍ଡଳୀକୁ, ''ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର ।'' (୬:୧୮) । ଫିଲିପି ମଣ୍ଡଳୀକୁ ''କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ,

କିନ୍ତୁ ସମସ୍ତ ବିଷୟରେ  ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।'' (ଫିଲିପ ୪:୬) । କଲସୀୟ :- ''ପ୍ରାର୍ଥନାରେ ଏକାଗ୍ର ଭାବରେ ନିବିଷ୍ଟ ଥାଅ, ପୁଣି ଧନ୍ୟବାଦ ସହ ସେଥିରେ ଜାଗ୍ରତ ଥାଅ । ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କର, ଯେପରି ବାକ୍ୟ ପ୍ରଚାର ନିମନ୍ତେ ଈଶ୍ୱର ଆମ୍ଭମାନଙ୍କ ପାଇଁ ଦ୍ୱାର ଫିଟାନ୍ତି, ପୁଣି, ଖ୍ରୀଷ୍ଟଙ୍କ ଯେଉଁ ନିଗୂଢ଼ ତତ୍ତ୍ୱ ନିମନ୍ତେ ମୁଁ ବନ୍ଦୀ ଅଟେ, ତାହା ଉଚିତ ମତେ କଥା କହି ପ୍ରକାଶ କରିପାରେ ।'' (୪:୩-୪) । ଥେସଲନୀକୀ ମଣ୍ଡଳୀକୁ - ''ନିରନ୍ତର ପ୍ରାର୍ଥନା କର... କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।'' (୫:୧୭)

ମାଥିଉ ୬:୫-୧୫ ପଦରେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଏକ ନମୁନା ପ୍ରାର୍ଥନା ଶିଖାଇ ଅଛନ୍ତି । ତଦନୁଯାୟୀ ଆମ୍ଭେମାନେ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁ :-

**(୧) ''ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା'':-** ଆମ୍ଭେମାନେ ସ୍ୱର୍ଗୀୟ ପିତାଙ୍କୁ ପ୍ରାର୍ଥନା କରୁ । ସେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ରକ୍ଷଣକର୍ତ୍ତା ଅଟନ୍ତି । ସର୍ବଶକ୍ତିମାନ ପରମେଶ୍ୱର ଆମ୍ଭମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରନ୍ତି । ''....ଆମ୍ଭମାନଙ୍କର କଅଣ ପ୍ରୟୋଜନ, ମାଗିବା ପୂର୍ବରୁ ତୁମ୍ଭମାନଙ୍କର ପିତା ଈଶ୍ୱର ତାହା ଜାଣନ୍ତି ।'' (ମାଥିଉ ୬:୮)

**(୨) ତୁମ୍ଭର ନାମ ପବିତ୍ର ବୋଲି ମାନ୍ୟ ହେଉ :-** ପିତା ପରମେଶ୍ୱର ପବିତ୍ର ଅଟନ୍ତି । ତାହାଙ୍କ ସମ୍ମୁଖସ୍ଥ ସରାଫଗଣ ଦିବାରାତ୍ରି ସ୍ତୁତିଗାନ କରି କହନ୍ତି,''ସୈନ୍ୟାଧିପତି ସଦାପ୍ରଭୁ, ଧର୍ମମୟ, ଧର୍ମମୟ, ଧର୍ମମୟ, ସଦାପ୍ରଭୁ ପୃଥିବୀ ତାହାଙ୍କ ମହିମାରେ ପରିପୂର୍ଣ୍ଣ । (ଯିଶାଇୟ ୬:୩) । ଆମ୍ଭମାନଙ୍କ ଜୀବନରେ ସେ କରିଥିବା ସମସ୍ତ ମଙ୍ଗଳ ଓ ଉପକାର ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉ । ଦାଉଦ ଗାଇଲେ, ''ହେ ମୋର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର । ହେ ମୋହର ଅନ୍ତରସ୍ଥ ସମସ୍ତ, ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର । ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳଦାନ ସବୁ ପାସୋର ନାହିଁ । .....ହେ ମୋହର ମନ ସଦାପ୍ରଭୁଙ୍କ ଧନ୍ୟବାଦ କର ।'' (ଗୀତ ୧୦୩),

**(୩) ତୁମ୍ଭର ରାଜ୍ୟ ଆସୁ :-** ପରମେଶ୍ୱରଙ୍କ ରାଜ୍ୟ ଅର୍ଥାତ୍ ତାହାଙ୍କ ମଣ୍ଡଳୀର ସ୍ଥାପନ ଖ୍ରୀ:ଜ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଅଛି । ଯୀଶୁଖ୍ରୀଷ୍ଟ ଏହି ନମୁନା ପ୍ରାର୍ଥନା ଶିଖାଇବା ସମୟରେ ତାହାଙ୍କ ମଣ୍ଡଳୀ ସ୍ଥାପିତ ହୋଇ

ନ ଥିଲା । ସ୍ଥାପିତ ହେବା ପରେ ମଣ୍ଡଳୀର ଅଭିବୃଦ୍ଧି, ମଣ୍ଡଳୀ ସଭ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । ଖ୍ରୀଷ୍ଟିୟାନମାନେ ପରସ୍ପର ନିମନ୍ତେ ପ୍ରାର୍ଥନା କରୁ ।

**(୪) ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ :-** ସଦାପ୍ରଭୁ ପରମେଶ୍ୱର ସର୍ବାଧିକାରୀ, ସର୍ବଶକ୍ତିମାନ ଅଟନ୍ତି । ସେ ସିଂହାସନବିଷ୍ଟ ହୋଇ ରାଜ୍ୟ କରନ୍ତି । ତାହାଙ୍କ ଇଚ୍ଛାନୁସାରେ ସମସ୍ତ ବିଷୟ ପରିଚାଳିତ କରନ୍ତି । ତାହାଙ୍କ ସୃଷ୍ଟ ଆକାଶମଣ୍ଡଳ, ଦୂତଗଣ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଏବଂ ପୃଥିବୀସ୍ଥ ତିମିଙ୍ଗିଳ, ସକଳ ବାରିଧି, ଅଗ୍ନିଶିଳା, ହିମ ଓ ବାଷ୍ପ, ପ୍ରଚଣ୍ଡ ବାୟୁ, ପର୍ବତ ଓ ଉପପର୍ବତ, ସକଳ ବୃକ୍ଷ, ବନ୍ୟ ଓ ଗ୍ରାମ୍ୟ ଜନ୍ତୁଗଣ, ପକ୍ଷୀଗଣ ପ୍ରତ୍ୟେକେ ତାହାଙ୍କ ଇଚ୍ଛାସାଧନ କରନ୍ତି ଓ ପ୍ରଶଂସା କରନ୍ତି । (ଗୀତ ୧୪୮) । ତାହାଙ୍କ ଇଚ୍ଛା ପାଳନ ନ କରି ଆମ୍ଭେମାନେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବା ନାହିଁ । ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' (ମାଥିଉ ୭:୨୧) ।

**(୫) ଆଜି ଆମ୍ଭମାନଙ୍କର ପ୍ରୟୋଜନୀୟ ଆହାର ଦିଅ :-** ଆମ୍ଭମାନଙ୍କ ପ୍ରୟୋଜନୀୟ ବିଷୟ ସବୁ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରୁ । ଯୀଶୁ କହିଲେ, ''ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ ସେ ପାଏ, ଯେ ଖୋଜେ ସେ ସନ୍ଧାନ ପାଏ, ଆଉ, ଯେ ଦ୍ୱାରରେ ମାରେ ତାହା ନିମନ୍ତେ ଫିଟାଇ ଦିଆଯାଏ । ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ !'' (ମାଥିଉ ୭:୭-୧୧, ରୋମୀୟ ୮:୩୨, ଯାକୁବ ୧:୧୭)

**(୬) ଆମ୍ଭମାନଙ୍କ କୃତ ପାପ ବିଷୟରେ କ୍ଷମାପଣ ଭିକ୍ଷା କରୁ :-** ଆମ୍ଭମାନଙ୍କ ପାପକ୍ଷମା କରିବାକୁ ଅଧିକାର କେବଳ ପିତା ପରମେଶ୍ୱରଙ୍କର । ପ୍ରତ୍ୟେକ ମନୁଷ୍ୟ ପାପୀ ଓ ପରମେଶ୍ୱରଙ୍କ ଅନୁଗ୍ରହରୁ ବଞ୍ଚିତ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଆମ୍ଭମାନଙ୍କ ପାପ ବିମୋଚନ ହୋଇ, ତାହାଙ୍କ ଦ୍ୱାରା ଅନନ୍ତଜୀବନ ପ୍ରାପ୍ତ ହେଉ ।

''ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର । ତେବେ ତୁମ୍ଭେମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ । କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ ।'' (ମାଥିଉ ୬:୧୨-୧୫, ମାଥିଉ ୧୯:୨୩-୩୫, ଲୂକ ୬:୩୭)

**(୭) ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ :-** ଯାକୁବ କହନ୍ତି, ''ଯେଉଁ ଲୋକ ପରୀକ୍ଷା ସହ୍ୟ କରେ, ସେ ଧନ୍ୟ, କାରଣ ପ୍ରଭୁ ଆପଣା ଲୋକମାନଙ୍କୁ ଯେଉଁ ଜୀବନରୂପ ମୁକୁଟ ଦେବାକୁ ପ୍ରତିଜ୍ଞା କରିଅଛନ୍ତି, ପରୀକ୍ଷା ସିଦ୍ଧ ହେଲା ଉତ୍ତାରେ ସେହି ଲୋକ ସେହି ମୁକୁଟ ପ୍ରାପ୍ତ ହେବ । ....ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ପରୀକ୍ଷିତ ହୁଏ ।'' (ଯାକୁବ ୧:୧୨ ଓ ୧୩) ମନୁଷ୍ୟକୁ ଈଶ୍ୱର ପରୀକ୍ଷା କରନ୍ତି ନାହିଁ, ବରଂ ଶୟତାନ ପରୀକ୍ଷା କରେ । ଶୟତାନ ଆଦମ ଓ ହବାଙ୍କୁ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ହିଁ ପରୀକ୍ଷା କରିଥିଲା । ଗେଥ୍‌ସିମିନୀ ତୋଟାରେ ଆପଣା ଶିଷ୍ୟମାନଙ୍କୁ କହିଥିଲେ, ''ପରୀକ୍ଷାରେ ଯେପରି ନ ପଡ଼, ଏଥିପାଇଁ ଜାଗିରହ, ପ୍ରାର୍ଥନା କର...'' (ମାଥିଉ ୨୬:୪୨, ମାର୍କ ୧୪:୩୮, ଲୂକ ୨୨:୪୦)

(୮) ''ମାତ୍ର ମନ୍ଦରୁ ରକ୍ଷା କର'' :- ମନ୍ଦରୁ ଅର୍ଥାତ୍ ପାପାତ୍ମା ଠାରୁ ଆପଣାକୁ ରକ୍ଷା କରିବା ନିମନ୍ତେ, ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ । ସୃଷ୍ଟି ଆରମ୍ଭରୁ ଶୟତାନ ମନୁଷ୍ୟମାନଙ୍କୁ ତାହାର ଜାଲରେ ଫାନ୍ଦେ । ପ୍ରେରିତ ପିତର ଲେଖନ୍ତି,''ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।'' (୧ମ ପିତର ୫:୮) ଶୟତାନର ଚେଷ୍ଟା ନିରନ୍ତର ରହିଥାଏ । ତାହାର କବଳରୁ ରକ୍ଷା ପାଇବା ନିମନ୍ତେ ସଚେତନ ରହୁ । ''ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ତାହାଙ୍କର ଦୂତ ସେମାନଙ୍କ ଚାରିଆଡ଼େ ଛାଉଣୀ କରି ସେମାନଙ୍କୁ ଉଦ୍ଧାର କରନ୍ତି । (ଗୀତ ୩୪:୭, ଦ୍ୱି.ରା ୬:୧୭) । ''ଦେଖ, ଇସ୍ରାଏଲକୁ ଯେ ରକ୍ଷା କରନ୍ତି, ସେ ଘୁମାଇବେ ନାହିଁ କି ନିଦ୍ରା ଯିବେ ନାହିଁ । ସଦାପ୍ରଭୁ ତୁମ୍ଭର ରକ୍ଷକ, ସଦାପ୍ରଭୁ ତୁମ୍ଭ ଦକ୍ଷିଣ ପାର୍ଶ୍ୱରେ ଛାୟା । ଦିବସରେ ସୂର୍ଯ୍ୟ, କିଅବା ରାତ୍ରିରେ ଚନ୍ଦ୍ର ତୁମ୍ଭକୁ ଆଘାତ କରିବ ନାହିଁ । ସଦାପ୍ରଭୁ

ସମସ୍ତ ଅମଙ୍ଗଳରୁ ତୁମ୍ଭଙ୍କୁ ରକ୍ଷା କରିବେ, ସେ ତୁମ୍ଭର ପ୍ରାଣକୁ ରକ୍ଷା କରିବେ ।'' (ଗୀତ ୧୨୧:୪-୭) ସମସ୍ତ ପ୍ରକାର ମନ୍ଦତା, ଆପଦ, ବିପଦ ଠାରୁ ଆମ୍ଭମାନଙ୍କୁ ଓ ଆମ୍ଭମାନଙ୍କ ପରିବାରକୁ ରକ୍ଷା କରିବା ନିମନ୍ତେ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁ ।

ଯୀଶୁଖ୍ରୀଷ୍ଟ ଯେଉଁମାନେ ଆମ୍ଭମାନଙ୍କୁ ତାଡ଼ନା କରନ୍ତି ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ମାଥିଉ ୫:୪୪ ପଦରେ କହିଅଛନ୍ତି । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ, ତାହାଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଲେଖନ୍ତି, ''ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନର କର, ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର । ଆଉ, ମୋ ନିମନ୍ତେ ମଧ୍ୟ ପ୍ରାର୍ଥନା କର, ଯେପରି ସୁସମାଚାର ନିମନ୍ତେ ଶୃଙ୍ଖଳାବଦ୍ଧ ରାଜଦୂତ ସ୍ୱରୂପ ଯେ ମୁଁ, ମୋତେ ସେହି ସୁସମାଚାର ନିଗୁଢ଼ତତ୍ତ୍ୱ ସାହସ ପୂର୍ବକ ଜଣାଇବାକୁ ପ୍ରଚାର କରିବା ସମୟରେ ବାକ୍ୟ ଦିଆଯିବ ।'' (୬:୧୮-୧୯) । ସୁସମାଚାର ପ୍ରଚାରକମାନଙ୍କ ନିମନ୍ତେ ଆମ୍ଭମାନଙ୍କ ଦୈନିକ ପ୍ରାର୍ଥନାରେ ସଦାପ୍ରଭୁଙ୍କୁ ବିନତି କରୁ । (କଲସୀ ୪:୨-୩) (ଖ) ମଣ୍ଡଳୀର ଅସୁସ୍ଥ ସଭ୍ୟମାନଙ୍କ ସୁସ୍ଥତା ନିମନ୍ତେ ପ୍ରାର୍ଥନା କରୁ । ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ଦୁଃଖଭୋଗ କରୁଅଛି ? ସେ ପ୍ରାର୍ଥନା କରୁ.... ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର....'' (ଯାକୁବ ୫:୧୩-୧୫) (ଗ) ''ଆମ୍ଭେମାନେ ଯେପରି ସର୍ବତୋଭାବେ ଈଶ୍ୱର ପରାୟଣତା ଓ ଭଦ୍ରତା ସହ ଶାନ୍ତି ଓ ନିର୍ବିଘ୍ନତାରେ ଜୀବନଯାପନ କରୁ, ଏଥି ନିମନ୍ତେ ସର୍ବସାଧାରଣ ଲୋକଙ୍କ ପାଇଁ, ରାଜା ଓ ଶାସନକର୍ତ୍ତା ସମସ୍ତଙ୍କ ପାଇଁ ନିବେଦନ, ପ୍ରାର୍ଥନା, ବିନତି ଓ ଧନ୍ୟବାଦ ଉତ୍ସର୍ଗ କରିବା ନିମନ୍ତେ ମୁଁ ସର୍ବପ୍ରଥମେ ଅନୁରୋଧ କରୁଅଛି ।'' (୧ମ ତୀମଥି ୨:୧-୨)

ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରୁ । ଯୀଶୁ କହିଲେ,''......ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩) । ''ତାହାଙ୍କ ଛଡ଼ା ଆଉ କାହା ଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।'' (ପ୍ରେରିତ ୪:୧୨, ଫିଲିପ ୨:୯) । ପିତା ପରମେଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଯୀଶୁଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ ଅଟନ୍ତି । (୧ମ ତୀମଥି ୨:୫ ଏବ୍ରୀ ୯:୧୫)

ପୁରାତନ ନିୟମର ପ୍ରତ୍ୟେକ 'ବିଶ୍ୱାସର ଯୋଦ୍ଧା' (ଏବ୍ରୀ ୧୧ତମ ପର୍ବ) ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ପ୍ରାର୍ଥନା ବିନୁ ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ସହ ସଦ୍‌ସମ୍ବନ୍ଧ ରଖିପାରିବା ନାହିଁ । ଆସ, ଆମ୍ଭେମାନେ ନିରନ୍ତର ପ୍ରାର୍ଥନା ନିବିଷ୍ଟ ରହି, ତାହାଙ୍କ ସହଭାଗିତାରେ ତାହାଙ୍କ ସନ୍ତୋଷଜନକ ଜୀବନଯାପନ କରୁ !

- Kabita Gootam

❋ ❋ ❋

## ''ଶୟତାନ ଆମ୍ଭମାନଙ୍କୁ ବାଧା ଦେଲା''

### (Satan Hindered us)

''....ହେ ଭାଇମାନେ, ଆମ୍ଭେମାନେ ହୃଦୟରେ ନୁହେଁ, ମାତ୍ର ଶରୀରରେ ଅଳ୍ପ ସମୟ ପାଇଁ ତୁମ୍ଭମାନଙ୍କ ଠାରୁ ବିଚ୍ଛିନ୍ନ ହୋଇଥିବାରୁ ତୁମ୍ଭମାନଙ୍କ ମୁଖ ଦେଖିବାକୁ ଅତ୍ୟନ୍ତ ଆକାଂକ୍ଷା ସହକାରେ ଅଧିକ ଚେଷ୍ଟା କରିଥିଲୁ । ଏଥି ନିମନ୍ତେ ଆମ୍ଭେମାନେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ମନସ୍ଥ କରିଥିଲୁ, କିନ୍ତୁ ଶୟତାନ ଆମ୍ଭମାନଙ୍କୁ ବାଧା ଦେଲା ।'' (୧ମ ଥେସ ୨:୧୭,୧୮)

ପ୍ରେରିତ ପାଉଲଙ୍କୁ ଥେସଲନୀକୀର ଭାଇମାନଙ୍କୁ ଦେଖିବାକୁ ଆକାଂକ୍ଷା କରିଥିଲେ । କିନ୍ତୁ ଶୟତାନ ''ବାଧା'' ସୃଷ୍ଟି କରିଥିଲା । କିପରି ରୂପେ ବାଧା ସୃଷ୍ଟି ହୋଇଥିଲା ଆମ୍ଭେମାନେ ଜାଣୁ ନାହୁଁ । କିନ୍ତୁ ସେହି ''ବାଧା'' ଶୟତାନ ଦ୍ୱାରା ସୃଷ୍ଟି ହୋଇଥିଲା । ଯେଉଁସବୁ କାର୍ଯ୍ୟ ପରମେଶ୍ୱରଙ୍କ ବାକ୍ୟ ବା ବାର୍ତ୍ତା ପ୍ରସାରରେ ବାଧା ସୃଷ୍ଟି ହୁଏ, ସେହିସବୁ କାର୍ଯ୍ୟ ଶୟତାନ ଦ୍ୱାରା ସୃଷ୍ଟ ।

**ଜାଗତିକ ପ୍ରେମ ପରମେଶ୍ୱରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରେ :-** ''ଯେ ବାକ୍ୟ ଶୁଣେ, ପୁଣି ସାଂସାରିକ ଚିନ୍ତା ଓ ଧନର ମାୟା ବାକ୍ୟକୁ ଚାପି ପକାଏ, ଆଉ ଫଳହୀନ ହୁଏ, ସେହି ଜଣକ ବୁଣା ଯାଇଥିଲା କଣ୍ଟକମୟ ଭୂମି ସଦୃଶ୍ୟ ।'' (ମାଥିଉ ୧୩:୨୨) । ''ଈଶ୍ୱରପରାୟଣତା ସନ୍ତୋଷଭାବ ଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ । କାରଣ ଆମ୍ଭେମାନେ ଜଗତକୁ କିଛି ଆଣି ନାହୁଁ, ପୁଣି ଏଠାରୁ

କିଛି ଘେନି ଯାଇ ନ ପାରୁ । ଏଣୁ ଅନ୍ନବସ୍ତ୍ର ଥିଲେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । (୧ ତୀମଥି ୬:୬-୮) ।

**ଶାରୀରିକ ଅଭିଳାଷ ପରମେଶ୍ୱରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରେ :-** ''ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହା ଠାରେ ନାହିଁ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ ।'' (୧ମ ଯୋହନ ୨:୧୫)

**ସ୍ୱପ୍ରାଣ ପ୍ରତି ପ୍ରେମ ବାଧା ସୃଷ୍ଟି କରେ :-** ''....ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର ଅନୁସରଣ କରୁ । କାରଣ ଯେ କେହି ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ ।'' (ମାଥିଉ ୧୬:୨୪,୨୫)

ପ୍ରିୟ ବନ୍ଧୁ, ଶୟତାନ ତ୍ୱରିତ ବେଗରେ କାର୍ଯ୍ୟ କରୁଛି । ସେ ଆମ୍ଭମାନଙ୍କ ପରିଚର୍ଯ୍ୟାରେ ବାଧା କରି, ଆମ୍ଭମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବାରେ ସଦା ଚେଷ୍ଟିତ ।

ଆମ୍ଭମାନଙ୍କ ଅଭିଳାଷ, ଆମୋଦପ୍ରମୋଦ, ଧନସମ୍ପଦ କିଅବା ଅନ୍ୟ କିଛି ଦ୍ୱାରା ଶୟତାନ ପ୍ରଭୁଙ୍କ କାର୍ଯ୍ୟରେ ଯେପରି ବାଧା ସୃଷ୍ଟି ନ କରେ, ସଦା ଜାଗ୍ରତ ରହୁ !

**- Loy Mitchell**

❋ ❋ ❋

# ତୁମ୍ଭର ଆଲୋକ ପ୍ରକାଶିତ ହେଉ (ମାଥିଉ ୫:୧୩-୧୬)
## (Let your light shine, (Math 5:13-16))

''ତୁମ୍ଭେମାନେ ପୃଥିବୀର ଲବଣ, କିନ୍ତୁ ଲବଣ ଯଦି ସ୍ୱାଦବିହୀନ ହୁଏ, ତେବେ ତାହା କାହିଁରେ ଲବଣଯୁକ୍ତ ହେବ ? ତାହା ଆଉ କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, କେବଳ ବାହାରେ ପକାଯାଇ ଲୋକମାନଙ୍କ ପାଦ ତଳେ ଦଳିତ ହେବାର ଯୋଗ୍ୟ ।'' (ମାଥିଉ ୫:୧୨) । ଖ୍ରୀଷ୍ଟିୟାନମାନଙ୍କ ଅନ୍ୟମାନଙ୍କ ଉପରେ ଏକ ନିତ୍ୟସ୍ଥାୟୀ ପ୍ରଭାବ ପଡ଼ିଥାଏ । ତଦ୍ୱାରା ସେମାନେ ଖ୍ରୀଷ୍ଟଙ୍କ ଠାରେ ଆକର୍ଷିତ ହୁଅନ୍ତି ।

''ତୁମ୍ଭେମାନେ ଜଗତର ଜ୍ୟୋତି । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ରହି ନ ପାରେ ।'' (୧୪ତମ ପଦ) । ଆମ୍ଭେମାନେ ସେହି ଜ୍ୟୋତି, ଯେଉଁ ଜ୍ୟୋତି ଦ୍ୱାରା ଅଜ୍ଞାନତାରୂପ ଅନ୍ଧକାର ଓ ପାପ ଦୂର ହୋଇ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିପାରେ । ଖ୍ରୀଷ୍ଟଙ୍କ ଆଲୋକରେ ସେମାନଙ୍କୁ ଆଲୋକିତ କରିବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କ ଖ୍ରୀଷ୍ଟିୟ ଜୀବନ ଅନ୍ୟମାନଙ୍କୁ ପରିଚର୍ଯ୍ୟାରେ ବିତାଉ ।

''କିବା ଲୋକମାନେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି । ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକଙ୍କୁ ଆଲୋକ ଦିଏ ।'' (୧୫ତମ ପଦ) । ଅନେକ ସମୟରେ ଆମ୍ଭେମାନେ ଆପଣା ଆଲୋକ ପ୍ରକାଶ କରିବାରେ ଅସମର୍ଥ ହୋଇଥାଉଁ । ଯେଉଁମାନେ ଅସଭ୍ୟ ସ୍ଥାନକୁ ଯାଆନ୍ତି, ଅଥବା ଦୁଷ୍ଟ କାର୍ଯ୍ୟରେ ଲିପ୍ତ ରହନ୍ତି, ସେମାନେ ଆପଣା ପରିଚୟ ଗୁପ୍ତ ରଖନ୍ତି । କିନ୍ତୁ ଆମ୍ଭେମାନେ ଯେ ଖ୍ରୀଷ୍ଟଙ୍କୁ ଆପଣା ଜୀବନ ଦ୍ୱାରା ପ୍ରକାଶ କରୁଅଛୁ । ଏହା ସବୁବେଳେ ମନେ ରଖିବା ଉଚିତ । ''ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ । ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।'' (୧୬ତମ ପଦ) । ପ୍ରତିଦିନ ଆମ୍ଭମାନଙ୍କ ସତ୍କର୍ମ ଆମ୍ଭମାନଙ୍କ ମଧ୍ୟରେ ଥିବା ଖ୍ରୀଷ୍ଟଙ୍କ ସାକ୍ଷ୍ୟ ଦେଉ । ଯୀଶୁଙ୍କ ଆଜ୍ଞାପାଳନ କରିବାରେ, ତାହାଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ପ୍ରକାଶ ପାଉ । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ, ଅନ୍ୟମାନଙ୍କୁ ଦେଉଥିବା ଶିକ୍ଷା ଓ ଚେତନା, ସେମାନଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ପ୍ରକାଶ କରେ । ଖ୍ରୀଷ୍ଟିୟ ଜୀବନ ପ୍ରକୃତ ଆନନ୍ଦ, ଆମ୍ଭମାନଙ୍କ ଜୀବନରେ ପ୍ରସ୍ଫୁଟିତ ହେଉ ।

**- Dale Grissom**

❋ ❋ ❋

# ପିତାଙ୍କ ଇଚ୍ଛା ସାଧନ କରୁ

## (Do the will of God)

ପିତାଙ୍କ ଇଚ୍ଛା ପାଳନ କରିବା ବିନୁ କେହି ଆପଣାକୁ "ଖ୍ରୀଷ୍ଟିୟାନ" ରୂପେ ପରିଗଣିତ ହୋଇପାରିବ ନାହିଁ । ପିତାଙ୍କ ଇଚ୍ଛା ଯୀଶୁଖ୍ରୀଷ୍ଟ ଏହି ଜଗତରେ ଶିକ୍ଷା ଦେଇଥିଲେ । ପବିତ୍ର ଆତ୍ମାଙ୍କ ପରିଚାଳନାରେ ତାହାଙ୍କ ଶିଷ୍ୟମାନେ ପିତାଙ୍କ ଇଚ୍ଛା ଲିଖିତଭାବେ ଆମ୍ଭମାନଙ୍କୁ ଦେଇଅଛନ୍ତି । (ଏବ୍ରୀ ୧:୧,୨; ଯୋହନ ୧୪:୨୬, ଯୋହନ ୧୬:୧୩; ୨ୟ ପିତର ୧:୩,୪; ୨ ତୀମଥି ୩:୧୬,୧୭; ରୋମୀୟ ୧:୧୬,୧୭)

ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ଯଥେଷ୍ଟ ନୁହେଁ । ତାହାଙ୍କ ବାକ୍ୟରେ ଲିଖିତ ତାହାଙ୍କ "ଇଚ୍ଛା" ସକଳ ସାଧନ କରିବା ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ । (ଏବ୍ରୀ ୫:୮,. ଯାକୁବ ୨:୧୪-୨୪, ଲୁକ ୧୪:୩୩, ମାଥିଉ ୧୦:୩୪-୩୯, ମାର୍କ ୧୦:୨୮-୩୦) ଇସ୍ରାଏଲର ମହାରାଜ ଦାଉଦ ସର୍ବାନ୍ତଃକରଣରେ ପରମେଶ୍ୱରଙ୍କ ଆଜ୍ଞା ସବୁ ପାଳନ କରିବା ନିମନ୍ତେ ହୃଦୟରେ ନିଶ୍ଚିତ କରିଥିଲେ । (୧ମ ରାଜାବଳି ୧୪:୮ ଓ ୧୫:୫) । ସେ ଜୀବନରେ ଘୋର ପାପ କଲେ ହେଁ, ସେ ପରମେଶ୍ୱର ଠାରେ କ୍ଷମା ଭିକ୍ଷା ମାଗିଥିଲେ । ଦାଉଦଙ୍କ ଜୀବନ ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ ଥିବାରୁ, ପରମେଶ୍ୱର ତାହାଙ୍କ ପାପ କ୍ଷମା କରିଥିଲେ ।

ଆପଣ, ମୁଁ ଓ ଜଗତର ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜୀବନର କୌଣସି ନା କୌଣସି ସମୟରେ ପରମେଶ୍ୱରଙ୍କ ପଥରୁ ବିଚଳିତ ହୋଇଥାଉ । ଚକ୍ଷୁର ଅଭିଳାଷ, ଶରୀରର ଅଭିଳାଷ, ଲୌକିକ ଗର୍ବ ଓ ଇଶ୍ୱରଙ୍କ ବାକ୍ୟ ମଧ୍ୟରେ ଥିବା ଘୋଷଣା । (ରୋମୀୟ ୭:୧୪-୨୫, ୮:୧,୧୪, ଗାଲାତି ୫:୧୩-୧୮) । ଜଗତର ସମସ୍ତ ବିଷୟ ଠାରୁ ଅଧିକ ଭାବେ ପରମେଶ୍ୱରଙ୍କ ବାକ୍ୟର ଜ୍ଞାନ ଅର୍ଜ୍ଜନ କରୁ ଓ ପାଳନ କରୁ । (କଲସୀ ୩:୧-୪) । ଦାଉଦଙ୍କ ମୃତ୍ୟୁର ଏକ ହଜାର ବର୍ଷ ପରେ ସୁଦ୍ଧା, ତାହାଙ୍କ ଧାର୍ମିକତା ବିଷୟରେ ପବିତ୍ର ବାକ୍ୟ ସାକ୍ଷ୍ୟ ଦିଏ । "....ଆମ୍ଭେ ଯିଶାଇୟ ପୁତ୍ର ଦାଉଦକୁ ପାଇଅଛୁ, ସେ ଆମ୍ଭର ମନର ମତ ବ୍ୟକ୍ତି ସେ ସମସ୍ତ ବିଷୟରେ ଆମ୍ଭର ଇଚ୍ଛା ପାଳନ କରିବ ।" (ପ୍ରେରିତ ୧୩:୨୨)

ଆମ୍ଭମାନଙ୍କ ଦୈନିକ ଜୀବନରେ ଆମ୍ଭେମାନେ କିପରି ତାହାଙ୍କ ଇଚ୍ଛା ପାଳନ କରିପାରିବା ? ପବିତ୍ର ବାକ୍ୟ ବିଶ୍ଳେଷଣ କଲେ, ତାହାଙ୍କ ଇଚ୍ଛା ଜ୍ଞାତ ହୋଇପାରିବା । ପ୍ରଥମ ଶତାବ୍ଦୀର ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀ, ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହୋଇ, ପରମେଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ଶିକ୍ଷିତ ହୋଇଥିଲେ । ସପ୍ତାହର ପ୍ରଥମ ଦିନରେ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନ ସ୍ମରଣ କରୁଥିଲେ । (ପ୍ରେରିତ ୨:୪୨, ପ୍ରେରିତ ୨୦:୭, ମାଥିଉ ୨୬:୨୬-୨୯, ୧ମ କରିନ୍ଥୀ ୧୧:୨୩-୩୦, ୧ମ କରିନ୍ଥୀ ୧୦:୧୬,୧୭) । ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ ମଣ୍ଡଳୀ ଉପାସନାରେ ଯୋଗଦେବା ନିତାନ୍ତ ଆବଶ୍ୟକ । ଯେଉଁମାନେ ଇଚ୍ଛାପୂର୍ବକ ମଣ୍ଡଳୀ ଉପସନା ତ୍ୟାଗ କରନ୍ତି ସେମାନେ ପରମେଶ୍ୱରଙ୍କ କ୍ରୋଧର ପାତ୍ର ହୁଅନ୍ତି । ଦ୍ୱିତୀୟରେ ମଣ୍ଡଳୀ ଉପାସନା ବିନୁ ମନୁଷ୍ୟର ଆତ୍ମାର ଅଭିବୃଦ୍ଧି ହୁଏ ନାହିଁ । (ଏବ୍ରୀ ୧୦:୨୩-୩୦) । ଇଚ୍ଛାପୂର୍ବକ ଭାବେ ପାପ କଲେ, ଆମ୍ଭେମାନେ ପାପରୁ ଧୌତ କରିବା ଖ୍ରୀଷ୍ଟଙ୍କ ପବିତ୍ର ରକ୍ତରୁ ଦୂରେଇ ଯାଉ । (ଏବ୍ରୀ ୧୦:୨୬ ଓ ୧ମ ଯୋହନ ୧:୫-୭)

ବିଶ୍ୱାସ ବିନୁ ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ (ଏବ୍ରୀ ୧୧:୬) ଓ ବିଶ୍ୱାସ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣରୁ ଜାତ ହୁଏ (ରୋମୀୟ ୧୦:୧୭) । ନିୟମିତ ଭାବେ ଖ୍ରୀଷ୍ଟଙ୍କ ଶିକ୍ଷା ଶ୍ରବଣ ନ କଲେ, ଆତ୍ମିକ ଭାବେ ଦୁର୍ବଳ ହୋଇ, ପଥଭ୍ରଷ୍ଟ ହେବାର ସମ୍ଭାବନା ଥାଏ । (୧ମ ଯୋହନ ୪:୧,୬) । ଉପାସନାରେ ଯୋଗ ନ ଦେବା ଓ ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବା, ପରମେଶ୍ୱରଙ୍କ ଆଜ୍ଞାର ଅବଜ୍ଞା କରିବା । (ଏବ୍ରୀ ୧୦:୨୪-୨୫, ଏଫିସୀ ୫:୧୫-୧୭; ୨ ପିତର ୩:୧୪-୧୮)

ନିୟମିତ ଭାବେ ମଣ୍ଡଳୀ ଉପାସନାରେ ଯୋଗ ନ ଦେବା ଖ୍ରୀଷ୍ଟିୟାନମାନେ 'ପ୍ରଭୁଭୋଜ'ରେ ଭାଗୀ ହୋଇ ପାରନ୍ତି ନାହିଁ । ଯେଉଁମାନେ ତାହାଙ୍କୁ ସପ୍ତାହର ପ୍ରଥମ ଦିନରେ, ତାହାଙ୍କ ମରଣ, ସମାଧି ଓ ପୁନଃରୁଥାନ ସ୍ମରଣ ନ କରନ୍ତି, ସେମାନେ ଯୀଶୁଖ୍ରୀଷ୍ଟଙ୍କ ସହଭାଗୀତାରୁ ବିଚ୍ଛିନ୍ନ ହୁଅନ୍ତି । (ଯୋହନ ୬:୪୮-୫୮)

ଇସ୍ହାକ ଓ ରିବିକାର ଜ୍ୟେଷ୍ଠ ପୁତ୍ର ଏଷୌ ରୋଟୀ ଓ ମସୁର ଡାଲି ନିମନ୍ତେ ଆପଣା ଜ୍ୟେଷ୍ଠାଧିର ଯାକୁବ ବିକ୍ରୟ କରିଥିଲେ । ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ନ ହୋଇ, ଆମ୍ଭମାନଙ୍କ ସ୍ୱର୍ଗୀୟ ଅଧିକାର ନ ହରାଉ । (ଏବ୍ରୀ ୨:୧-୪, ୧୨:୧୧-୧୭) (ଉଲ୍ଲେଖିତ ବାକ୍ୟ ଅଂଶ ଯତ୍ନ ସହକାରେ ପଢ଼ନ୍ତୁ) ।

- Don L. Norwood

* * *

# ଆପଣ କି ପବିତ୍ର ଆତ୍ମାଙ୍କୁ ଶ୍ରବଣ କରୁଅଛନ୍ତି ?

## (Are you listening to the Holy Spirit)

ଖ୍ରୀଷ୍ଟଙ୍କ ଜନ୍ମର ଦଶ ଶତାବ୍ଦୀ ପୂର୍ବେ, ଦାଉଦଙ୍କ ଦ୍ୱାରା ପଞ୍ଚାନବେ ଗୀତ ଲିଖିତ ହୋଇଥିଲା । ଏହା ଆନନ୍ଦ ଓ କୃତଜ୍ଞତାପୂର୍ଣ୍ଣ, ବିନମ୍ର ଉପାସନାର କୀର୍ତ୍ତନ । ପୁରାତନ କାଳରେ ଇଶ୍ରାଏଲ ସନ୍ତାନମାନେ ପରମେଶ୍ୱରଙ୍କୁ ପରିତ୍ୟାଗ କରିଥିବାରୁ, ଦାଉଦ ୭-୧୧ ପଦରେ କହନ୍ତି,''....ଆହା, ଯେବେ ଆଜି ତୁମ୍ଭେମାନେ ତାହାଙ୍କ ରବ ଶୁଣନ୍ତ, ଯେପରି ମରୀବାଃ ନିକଟରେ ଉତ୍ତେଜିତ ହେବା ସମୟରେ, ଯେପରି ପ୍ରାନ୍ତର ମଧ୍ୟରେ ମଃସା ନିକଟରେ ପରୀକ୍ଷା ସମୟରେ, ସେପରି ତୁମ୍ଭେମାନେ ଅନ୍ତଃକରଣ କଠିନ କର ନାହିଁ, ସେ ସମୟରେ ତୁମ୍ଭମାନଙ୍କ ପିତୃପୁରୁଷଗଣ ଆମ୍ଭଙ୍କୁ ପରୀକ୍ଷା କଲେ, ଆମ୍ଭର ପ୍ରମାଣ ନେଲେ ଓ ଆମ୍ଭର କର୍ମ ଦେଖିଲେ । ଆମ୍ଭେ ଚାଳିଶି ବର୍ଷ ଯାଏ ସେହି ବଂଶ ପ୍ରତି ବିରକ୍ତ ଥିଲୁ । ପୁଣି କହିଲୁ, ଏହି ଲୋକମାନେ ଅନ୍ତଃକରଣରେ ଭ୍ରାନ୍ତ ଓ ସେମାନେ ଆମ୍ଭର ପଥ ଜାଣିନାହାନ୍ତି । ଏହେତୁ ସେମାନେ ଆମ୍ଭ ବିଶ୍ରାମରେ ପ୍ରବେଶ କରିବେ ନାହିଁ ବୋଲି ଆମ୍ଭେ ଆପଣା କୋପରେ ଶପଥ କଲୁ ।'' (ଗୀତ ୯୫:୭-୧୧)

ପୁରାତନ ଇଶ୍ରାଏଲୀୟ ସନ୍ତାନମାନେ କାହିଁକି ପରମେଶ୍ୱରଙ୍କ ଆଜ୍ଞାର ଅଜ୍ଞ ଥିଲେ ? ଈଶ୍ୱରଙ୍କ ଇଚ୍ଛା ପ୍ରକଟ କରାଯାଇନାହିଁ, କିଅବା ଅସମ୍ପୂର୍ଣ୍ଣ ଭାବେ ପ୍ରକଟିତ ହୋଇଅଛି ବୋଲି ତାହାର ଅର୍ଥ ନାହିଁ । କିଅବା ସ୍ୱର୍ଗୀୟ ବାର୍ତ୍ତା ବୁଝି ନ ପାରିବା ଏତେ ଜଟିଳ ନୁହେଁ । ସେମାନେ ଈଶ୍ୱରଙ୍କ ଇଚ୍ଛା ଅଜ୍ଞ ଥିଲେ, କାରଣ ସେମାନେ ଈଶ୍ୱରଙ୍କ ବାର୍ତ୍ତା ସମ୍ପୂର୍ଣ୍ଣ ହୃଦୟ ସହ ଶ୍ରବଣ କରି ନ ଥିଲେ, କିଅବା ସମ୍ପୂର୍ଣ୍ଣ ହୃଦୟ ସହ ଗ୍ରହଣ କରି ନ ଥିଲେ । ନିର୍ଲକ୍ଷ ଭାବେ ଶ୍ରବଣ କରି, ଈଶ୍ୱରଙ୍କ ଇଚ୍ଛା ଅଗ୍ରାହ୍ୟ କରିଥିଲେ ।

ଈଶ୍ୱରଙ୍କ ଆଜ୍ଞା ଶ୍ରବଣ କରିବାକୁ ଓ ମାନ୍ୟ କରିବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତିମାନଙ୍କୁ ଈଶ୍ୱର ବର୍ତ୍ତମାନ ମଧ୍ୟ କଥା କହୁଅଛନ୍ତି । ''ଅତଏବ ପବିତ୍ର ଆତ୍ମା ଯେପରି କହନ୍ତି, ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଓ ପ୍ରାନ୍ତରରେ ପରୀକ୍ଷା ଦିନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର ।'' (ଏବ୍ରୀ ୩:୭,୮) । ଏହି ପଦ ଗୀତ ସଂହିତା ୯୫ ରୁ ଆନୀତ ହୋଇଅଛି । କିନ୍ତୁ ''ଦାଉଦ ଏହା କହନ୍ତି'' ବୋଲି ଲିଖିତ ନ ହୋଇ

'ପବିତ୍ର ଆତ୍ମା' କହନ୍ତି ବୋଲି ଲିଖିତ ହୋଇଅଛି । ଏଠାରେ ''ଆଜି'' ଅର୍ଥାତ୍ ଅତୀତରେ ନୁହେଁ, କିନ୍ତୁ ''ଆଜି''ର ଅର୍ଥ ''ସଦା ସର୍ବଦା'' ।

ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ପିତା ଅଟନ୍ତି । ସେ ଆମ୍ଭମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରନ୍ତି । ସେ ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣକର୍ତ୍ତା । ସେ ଆମ୍ଭମାନଙ୍କୁ ଜାଗତିକ ଭାବେ ଓ ଆତ୍ମିକ ଭାବେ ଆଶୀର୍ବାଦ କରନ୍ତି । ତାହାଙ୍କ ଆଜ୍ଞାବହମାନଙ୍କ ନିମନ୍ତେ ସେ ନିତ୍ୟ ଆନନ୍ଦମୟ ସ୍ୱର୍ଗରେ ଆମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିଅଛନ୍ତି । କିନ୍ତୁ ତାହାଙ୍କ ଆଜ୍ଞାପାଳନ ନ କରି, ତାହାଙ୍କ ବାକ୍ୟ ଅମାନ୍ୟ ଓ ଅବହେଳା କରନ୍ତି ସେମାନଙ୍କ ନିମନ୍ତେ ନିତ୍ୟ ନରକ ପ୍ରସ୍ତୁତ କରାଯାଇଅଛି । ''ହେ ଭାଇମାନେ, ସାବଧାନ, ଯେପରି ଜୀବନ୍ତ ଈଶ୍ୱରଙ୍କ ଠାରୁ ବିମୁଖକାରୀ ଦୁଷ୍ଟ, ଅବିଶ୍ୱାସୀ ହୃଦୟ ତୁମ୍ଭମାନଙ୍କର କାହାରି ଠାରେ ନ ଥାଏ । କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରୁ କେହି କଠିନ ହୁଏ, ଏଥି ନିମନ୍ତେ ଆଜି ସୁଯୋଗ ଥାଉ ପ୍ରତିଦିନ ପରସ୍ପରକୁ ଉତ୍ସାହ ଦିଅ ।'' (ଏବ୍ରୀ ୩: ୧୨-୧୪)

ଆମ୍ଭେମାନେ କି ତାହାଙ୍କ ବାକ୍ୟ ଶ୍ରବଣ କରୁଅଛୁ ?

**- Kevin L. Moore**

❋ ❋ ❋

# ପରିତ୍ୟାଗ ନ କର !

## (Don't Quit)

ଏବ୍ରୀ ପୁସ୍ତକକର୍ତ୍ତା ଏକ ଅଜ୍ଞାତ ବ୍ୟକ୍ତି । ଏହି ପୁସ୍ତକ ଲୋକେ ପାଉଲ, ଲୁକ, ବର୍ଣ୍ଣବା ପ୍ରିସ୍କିଲା ଲେଖିଥିବେ ବୋଲି ତର୍କ କରିଅଛନ୍ତି । କିନ୍ତୁ ଏହି ପୁସ୍ତକରେ ପ୍ରକୃତ ଲେଖକ ଈଶ୍ୱର ଅଟନ୍ତି । ଏହି ପୁସ୍ତକ କେଉଁମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଥିଲା ତାହା ମଧ୍ୟ ସ୍ପଷ୍ଟ ନୁହେଁ । ଅନେକେ ଏହି ପୁସ୍ତକ ଯିହୂଦୀୟ ଖ୍ରୀଷ୍ଟିୟାନମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଅଛି ବୋଲି ବିଶ୍ୱାସ କରନ୍ତି । କିନ୍ତୁ ଏହି ପୁସ୍ତକ କାହିଁକି ଲେଖାଯାଇଥିଲା ?

**କ୍ଳାନ୍ତ, ନିରୁତ୍ସାହିତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ :** କ୍ଳାନ୍ତ ଓ ନିରୁତ୍ସାହିତ ଖ୍ରୀଷ୍ଟିୟାନମାନଙ୍କୁ ଏହି ପୁସ୍ତକ ଲିଖିତ ହୋଇଥିଲା ବୋଲି ମୁଁ ବିଶ୍ୱାସ କରେ । (ଏବ୍ରୀ ୧୩: ୨୨) ଉତ୍ସାହଜନକ ବାକ୍ୟ କାହିଁକି ଲେଖିବାର ଆବଶ୍ୟକ ହେଲା ? କାରଣ

ପାଠକମାନେ ନିରୁତ୍ସାହିତ ଥିଲେ । ନିରୁତ୍ସାହିତ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବାକୁ ଏହି ପୁସ୍ତକ ଲିଖିତ ହୋଇଥିଲା । ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକେ କୌଣସି ନା କୌଣସି ସମୟରେ ନିରୁତ୍ସାହିତ ହୋଇଥାଉ । କ୍ଲାନ୍ତ, ନିରୁତ୍ସାହିତ ଓ ଖ୍ରୀଷ୍ଟଙ୍କୁ ପରିତ୍ୟାଗ କରିବାକୁ ଉଦ୍ୟତ ଖ୍ରୀଷ୍ଟିୟାନମାନଙ୍କୁ ଆପଣ କିପରି ଭାବେ ଉତ୍ସାହିତ କରିପାରିବେ ?

ଏବ୍ରୀ ପୁସ୍ତକ କର୍ତ୍ତା, ''ଅତଏବ, ଏଡ଼େ ବୃହତ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ ।'' (ଏବ୍ରୀ ୧୨:୧) । ଖ୍ରୀଷ୍ଟିୟାନ ଜୀବନକୁ ଏକ ଦୌଡ଼ ରୂପେ ବର୍ଣ୍ଣନା କରି ଧୈର୍ଯ୍ୟ ସହକାରେ ଗନ୍ତବ୍ୟ ପଥରେ ଧାବମାନ ହେବା ନିମନ୍ତେ ଲେଖକ ଉତ୍ସାହିତ କରନ୍ତି । ଏହି ଆତ୍ମିକ ଦୌଡ଼ ନିମନ୍ତେ ଆମ୍ଭମାନଙ୍କୁ ଶକ୍ତି ଓ ଧୈର୍ଯ୍ୟ ଆବଶ୍ୟକ ।

ଆମ୍ଭମାନଙ୍କ ଜୀବନରେ ଆସୁଥିବା କ୍ଳେଶ, କଷ୍ଟ ଆକସ୍ମିକ ଭାବେ ନ ଘଟି, ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଦ୍ୱାରା ଘଟେ ବୋଲି ସେ ୧୨:୫ ପଦରେ ବର୍ଣ୍ଣନା କରନ୍ତି । ''ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ କିମ୍ବା ତାହାଙ୍କ ଦ୍ୱାରା ଅନୁଯୋଗ ପ୍ରାପ୍ତ ହେଲେ କ୍ଲାନ୍ତ ହୁଅ ନାହିଁ, କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ଶାସନ କରନ୍ତି, ପୁଣି ଯେଉଁ ପୁତ୍ରଙ୍କୁ ସେ ଗ୍ରହଣ କରନ୍ତି ତାହାକୁ ପ୍ରହାର କରନ୍ତି ।'' (ଏବ୍ରୀ ୧୨:୫,୬)

କ୍ଲାନ୍ତ ଓ ନିରୁତ୍ସାହିତ ହେବା ପାପ ନୁହେଁ । ପରୀକ୍ଷିତ ହେବା ବି ପାପ ନୁହେଁ । କିନ୍ତୁ ପରୀକ୍ଷିତ ହୋଇ ଅପଜୟ ପାଇ, ପାପରେ ପତିତ ହେବା ପାପ ଅଟେ ।

**ଲକ୍ଷଭ୍ରଷ୍ଟ ହେବା :** ଲେଖକ, ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ପରିତ୍ୟାଗ କରି ପଥଭ୍ରଷ୍ଟ ହେବେ ବୋଲି ଚିନ୍ତିତ ଥିଲେ । (ଏବ୍ରୀ ୨:୧) । ନଙ୍ଗରିତ ଜାହାଜର ଶିକୁଳି ଢ଼ିଲା ହୋଇଗଲେ, ଧିରେ ଧିରେ ଜାହାଜ ସମୁଦ୍ର ମଧ୍ୟକୁ ଭାସିଯାଏ । ଶିକୁଳିର ଢ଼ିଲା ହେବା ବିଷୟ ଜାଣିବା ପୂର୍ବେ, ଜାହାଜ ସମୁଦ୍ର ମଧ୍ୟକୁ ଅନେକ ଦୂର ଭାସିଯାଇଥାଏ । ଠିକ୍ ସେହିପରି ପ୍ରଥମେ ନିରୁତ୍ସାହିତ ହୋଇ ଧିରେ ଧିରେ ପଥଭ୍ରଷ୍ଟ ହେବାର ସମ୍ଭାବନା ଥାଏ ।

**ମଣ୍ଡଳୀ ଉପାସନା ପରିତ୍ୟାଗ କରିବା:** ଏହା ନିରୁତ୍ସାହିତ ଖ୍ରୀଷ୍ଟିୟାନମାନଙ୍କ ମୁଖ୍ୟ ଲକ୍ଷଣ । (ଏବ୍ରୀ ୯-୧୦:୨୫) । ଏବ୍ରୀ ପୁସ୍ତକକର୍ତ୍ତାର ଲେଖକ, ଖ୍ରୀଷ୍ଟିୟାନ ଜୀବନ ଏକ ଯାତ୍ରା ରୂପେ ବର୍ଣ୍ଣନା କରନ୍ତି । ପଥିକ ଯାତ୍ରା ଆରମ୍ଭ କରେ । କାଳକ୍ରମେ ନିର୍ଣ୍ଣିତ ପଥରେ ବଳହୀନ ନିରୁତ୍ସାହିତ ହୋଇଥାଏ । ସେ କହନ୍ତି, ''...ତୁମ୍ଭେମାନେ

ଦୁର୍ବଳ ହସ୍ତ ଓ ଅବଶ ଜାନୁ ସବଳ କର ।'' (ଏବ୍ରୀ ୧୨:୧୨)

ନିରୁତ୍ସାହିତ ହେବାର ଅନେକ କାରଣ ରହିଥାଏ । ଅସୁସ୍ଥତା ଆମ୍ଭମାନଙ୍କୁ ଦୁର୍ବଳ କରିଥାଏ । ଭ୍ରାତୃମାନଙ୍କ ମଧ୍ୟରେ ବିଭେଦ ନିରୁତ୍ସାହଜନକ ଓ ଦୁର୍ବଳତାର କାରଣ । ଭ୍ରାତୃମାନଙ୍କ ଠାରୁ ନିନ୍ଦା ବା ସ୍ୱଜନର ମରଣ ପ୍ରଭୃତି ଆମ୍ଭମାନଙ୍କ ଖ୍ରୀଷ୍ଟିୟ ଜୀବନରୁ ପଥଭ୍ରଷ୍ଟ କରେ । 'ନିରୁତ୍ସାହ' ଜୟ କରିବାକୁ ଅନେକ ପଥ ଅଛି । ''ଅତଏବ ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ବିଶ୍ରାମବାରର ଭୋଗ କରିବାକୁ ବାକି ଅଛି ।'' (ଏବ୍ରୀ ୪:୯) । କାର୍ଯ୍ୟ ସମାପ୍ତି ପରେ ବିଶ୍ରାମ, ପୂର୍ବରୁ ନୁହେଁ । ବିଶ୍ୱାସର ନେତା ଓ ସିଦ୍ଧଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହ ଧାବମାନ ହେଉ ।'' (୧୨:୨) ଆପଣା ଲକ୍ଷ୍ୟ ପ୍ରତି ଦୃଷ୍ଟିପାତ ନ କଲେ, ଲୋକେ ନିରୁତ୍ସାହିତ ହୁଅନ୍ତି । ଆମ୍ଭମାନଙ୍କ ଲକ୍ଷ୍ୟ ପରମେଶ୍ୱରଙ୍କ ଠାରେ ରଖୁ ।

ଦ୍ୱିତୀୟରେ, ଆତ୍ମିକ ଜ୍ଞାନରେ ଅଭିବୃଦ୍ଧି ଘଟେ । (ଏବ୍ରୀ ୫:୧୧-୧୪) । ''ବାକ୍ୟ'' ରୂପ ଆତ୍ମିକ ଖାଦ୍ୟ ଭୋଜନ କରି ଜ୍ଞାନେନ୍ଦ୍ରିୟ ଗୁଡ଼ିକର ଅଭ୍ୟାସ ଦ୍ୱାରା ଆତ୍ମିକତାରେ ବୟଃପ୍ରାପ୍ତ ଆମ୍ଭେମାନେ ପରସ୍ପରକୁ ଉତ୍ସାହିତ କରୁ । 'କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରୁ କେହି କଠିନମନା ହୁଏ, ଏଥି ନିମନ୍ତେ ଆଜି ସୁଯୋଗ ଥାଉ ଥାଉ ପ୍ରତିଦିନ ପରସ୍ପରକୁ ଉତ୍ସାହ ଦିଅ ।'' (ଏବ୍ରୀ ୩:୧୩) । ପ୍ରେମ ଓ ସତ୍କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ । (୧୦:୨୪) । ଆମ୍ଭମାନଙ୍କ ଦୁର୍ବଳ ହସ୍ତ ଓ ଅବଶ ଜାନୁ ସବଳ କରିବା ସଙ୍ଗେ ସଙ୍ଗେ ଆପଣା ଆପଣା ପାଦ ନିମନ୍ତେ ସଳଖ ପଥ ପ୍ରସ୍ତୁତ କରୁ, ଯେପରି ଯାହା ଖଞ୍ଜ, ତାହା ଅଧିକ ବିକୃତ ନ ହୋଇ ବରଂ ସୁସ୍ଥ ହୁଏ । (୧୨:୧୩) । ଦୁର୍ବଳ, ଅବଶ ଓ ପ୍ରତ୍ୟେକ ବ୍ୟକ୍ତିକୁ ପ୍ରଭୁଙ୍କ ଠାରେ ଉତ୍ସାହିତ କରୁ । ଆମ୍ଭେମାନେ ଅତୁଳନୀୟ ଖ୍ରୀଷ୍ଟଙ୍କ ସେବା କରୁ । ନିରୁତ୍ସାହିତ ଖ୍ରୀଷ୍ଟିୟାନମାନଙ୍କୁ ସର୍ବୋତଭାବେ ଉତ୍ସାହିତ କରୁ । ଆମ୍ଭମାନଙ୍କ ଦୃଷ୍ଟି ସର୍ବଦା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ଥାଉ । ''ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛ ଜ୍ଞାନ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗ କଲେ, ପୁଣି ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।'' (୧୨:୨) । କ୍ଲାନ୍ତ, ନିରୁତ୍ସାହିତ, ମଣ୍ଡଳୀ, ଖ୍ରୀଷ୍ଟଙ୍କ ପ୍ରତି ଦୃଷ୍ଟି ରଖି ନୂତନ ବଳ ପାଏ ।

**- Stan Mitchell**

---

**Edited & Published by : Kabita & Joshua Gootam**

stubbornness.Let us turn to God for help,and He will enable us to overcome anything.God promised us a way of escape,if we look for and accept His help (1 Corinthians 10:13).

**NOT TO FORSAKE THE ASSEMBLY OF THE CHURCH**

All services and Bible studies are important to worship and to praise God,not just Sunday morning.We need the midweek service for spiritual food and growth (Hebrews 10:25,26).

**EVANGELISM** The Great Commission says, Go into all the world and preach the gospel. This includes our own community.We should be trying to invite our friends and neighbors(Matthew 28: 19,20).

**WORSHIP** God in spirit and in truth.We need to try as hard as we an to stay focused on what is being taught or said during our worship service to God. Try not to let what is going on around us to distract us,no matter how cute the little ones are(John 4:24).

**YESTERDAY** is gone- we need to put it behind us-press on to the future and start afresh. Do not worry about the past or future,but work for today.This is all that God has promised(Matthew 6:34).

**EAGERNESS** to serve.Let us all find jobs to do them well,for the Lord. There is work we all can do. No work is too small.We need to use our talents the Lord has given us(Matthew 25:14-30).

**ASSOCIATION** is another word for fellowship.Fellowship can be worshipping,workng,playing,eating,or just spending time with one another.It is certainly up there with teaching,the Lord's Supper,and prayer(Acts 2:42).

**READ** and study God's Word daily.This will help us to grow into the kind of Christians God wants (2 Timothy 2:15)

**- Martha Noland**

# God, LET ME LIVE

Thank you God,for one more Year
In which to reach my goal
Not the goal of gain on earth,
But just to save my soul.

I know my progress has been poor,
And I am far behind
As I have failed so many times,
To really use my mind.

As I have disappointed you,
When I knew so much better
And when I should have honored and
Obeyed You to the letter.

Dear God,You have been wonderful So
kind and good to me;
I thank You for my comforts,and
Each happy memory.

Thank You,God,and let me live,
Throughout another year
As now I long to prove to you,
My efforts are sincere

-James J.Metcalfe

**_Printed Book Only_**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)